# ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚର ପ୍ରତୀକ ଧର୍ମଘଟ



ରାୟଗଡା,୧୭/୧୨ (ଇମିସ): ରାୟଗଡ଼ା ଜିଲ୍ଲାରେ ଖଣି, ଶିଳ୍ପ ଓ ରେଳପଥ ଅଛି। କିନ୍ତୁ ଜନତାଙ୍କ ସମସ୍ୟା କମିବା ବଦଳରେ ବଢୁଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ପଛୁଆ। ଆଜି ମଧ୍ୟ ଗର୍ଭବତୀ ଖଟିଆରେ ତଥା ବିପଦପୂର୍ଣ୍ଣ ଭାବେ ଡାକ୍ତରଖାନା ଯାଉଛନ୍ତି। ପ୍ରତିଶ୍ରୁତି ଦିଆଯାଉଛି, ଅଥଚ ପୂରଣ ହେଉନି। ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ଏମିତି ଅଭିଯୋଗ କରିଛି। ବାରମ୍ବାର ଦାବି ସତ୍ତ୍ୱେ ରାୟଗଡା ଜିଲ୍ଲା ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ଦେଖିବାକୁ ମିଳିଛି। 'ଆମେ ବି ଓଡ଼ିଶାବାସୀ, ଆମ ପ୍ରତି ବି ନଜର ପଡୁ' ବୋଲି ନାରା ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଆଜି ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧର୍ମଘଟ ଅନୁଷ୍ଠିତ ହୋଇଥିଲା।

**ସବୁ ଥାଇ ରାୟଗଡ଼ା ଜିଲ୍ଲା ପଛୁଆ**

ଐତିହ୍ୟରେ ପୂର୍ଣ୍ଣ ଅବିଭକ୍ତ କୋରାପୁଟ ଜିଲ୍ଲା ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ। ରାଜ୍ୟ ବଜେଟର ବୃହତ୍ ଅଂଶ ପୂର୍ବରୁ ସମୃଦ୍ଧଶାଳୀ ଜିଲ୍ଲାରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ପ୍ରଦାନ ପାଇଁ ବ୍ୟୟ ହେଉଛି। ଅନ୍ୟପଟେ ରାୟଗଡ଼ାରେ ସାକ୍ଷରତା ହାର ଜାତୀୟ ହାରଠାରୁ କମ୍। ଗୁଣାତ୍ମକ ଶିକ୍ଷା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ। ସଡ଼କ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ, ସ୍ୱାସ୍ଥ୍ୟ ସୁବିଧା ଅପର୍ଯ୍ୟାପ୍ତ ଏବଂ ବିଦ୍ୟୁତ୍ ଯୋଗାଣ ଅସ୍ଥିର। ପ୍ରଭାବଶାଳୀ ନେତୃତ୍ୱର ଅଭାବ ଯୋଗୁଁ ରାୟଗଡା ଯଥୋଚିତ ବିକାଶରୁ ବଞ୍ଚିତ ହୋଇଛି। ମାର୍ଚ୍ଚ ୨୦୨୫ରେ ନିତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟରେ ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ଦେଶର ସବୁଠାରୁ ପଛୁଆ ଜିଲ୍ଲା ଭାବେ ଦର୍ଶାଯାଇଛି। ସରକାରଙ୍କ ଏହି ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କୁ ଗଭୀର ଭାବେ ବ୍ୟଥିତ କରୁଛି ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହାଛଡ଼ା ଦୁର୍ବଳ ରାଜନୈତିକ ପ୍ରତିନିଧିତ୍ୱ ଏବଂ ନିର୍ବାଚିତ ଜନପ୍ରତିନିଧିଙ୍କ ଉଦାସୀନ ମନୋଭାବ ଯୋଗୁ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ଦୁଃଖଦୁର୍ଦ୍ଦଶାର ବାସ୍ତବ ଚିତ୍ର ସରକାରଙ୍କ ଦୃଷ୍ଟିଗୋଚର ହୋଇପାରୁନି। ଆଦିବାସୀଙ୍କ ଯନ୍ତ୍ରଣା ଓ ବେଦନାର କାହାଣୀ ସରକାରଙ୍କ କର୍ଣ୍ଣଗୋଚର କରିବା ପାଇଁ ଏବଂ ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତା ଦୂର କରିବା ଉଦ୍ଦେଶ୍ୟରେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଏଭଳି ଶାନ୍ତିପୂର୍ଣ୍ଣ ଧର୍ମଘଟ କରାଯାଇଥିଲା ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଧର୍ମଘଟରେ ମଞ୍ଚର ସକ୍ରିୟ ସଦସ୍ୟ ଗୁପ୍ତେଶ୍ୱର ପାଣିଗ୍ରାହୀ, ବାଦଲ କୁମାର ତା, ଦୁର୍ଗାପ୍ରସାଦ ପଣ୍ଡା, ଝୁନା ପଣ୍ଡା, ସନ୍ତୋଷ ଦଳେଇ, କିଶୋର ଦଳେଇ, ଶିଶିର ରାଉଳ, ଅମରେନ୍ଦ୍ର ନାଥ, ଭବାନୀ ଶଙ୍କର ଜେନା, ଖଗେଶ୍ୱର ପ୍ରମୁଖ ସାମିଲ ହୋଇଥିଲେ। ଆସନ୍ତା ୧୯ ତାରିଖରେ ମାଲକାନଗିରି ଓ ୨୨ ତାରିଖରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧର୍ମଘଟ ହେବ। ପରବର୍ତ୍ତୀ ପର୍ଯ୍ୟାୟରେ ପଞ୍ଚାୟତସ୍ତରରେ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

### ଅନୁଦାନ ଅଜାଡ଼ିଦେଲେ ମୁଖ୍ୟମନ୍ତ୍ରୀ

# 'ଗ୍ରେଟର୍ ବ୍ରହ୍ମପୁର ପାଇଁ ଡିପିଆର୍ କର'

ବ୍ରହ୍ମପୁର, ୧୭/୧୨ (ଇମିସ): ବହୁଦିନର ଦାବିକୁ ବିଜେଡି ଉପେକ୍ଷା କରୁଥିଲା। ବ୍ରହ୍ମପୁର ସହରର କଳେବର ବଢ଼ିବାକୁ କେହି ଗୁରୁତ୍ୱ ଦେଉନଥିଲେ। ଯଦିଓ ଗତ କିଛି ମାସ ହେଲା ତତ୍ପରତା ଆରମ୍ଭ ହୋଇଥିଲା, ତାହା କେବଳ କାଗଜକଲମରେ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଗ୍ରେଟର୍ ବ୍ରହ୍ମପୁର' ଘୋଷଣା କରିବା ସହ ତୁରନ୍ତ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସହର ପରି ବ୍ରହ୍ମପୁର ସହରର କଳେବର ବୃଦ୍ଧି ହେବ। ଏହାକୁ 'ଗ୍ରେଟର୍ ବ୍ରହ୍ମପୁର ସିଟି' କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ଆବଶ୍ୟକ ଡିପିଆର୍ ପ୍ରସ୍ତୁତ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଯୋଜନାବଦ୍ଧ ଭାବେ ସମସ୍ତ ମୌଳିକ ସେବା ଯୋଗାଇ ଦେବା ପାଇଁ ସହରରେ ଟାଉନ୍ ପ୍ଲାନିଂ ବା ଟିପି ସ୍କିମ୍ ଲାଗୁ କରାଯିବ। ବର୍ତ୍ତମାନ ଦୁଇଟି ଟିପି ସ୍କିମ୍ ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ସହର ଉପକଣ୍ଠରେ ଉନ୍ନତ ସହରୀ ଭିତ୍ତିଭୂମି ବିକାଶ ହେବା ସହିତ ଜମି ମାଲିକମାନେ ମଧ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



**ଦକ୍ଷିଣ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ଫୋକସ୍**

- ୬୦୦୦ କୋଟିରେ ବ୍ରହ୍ମପୁର-ଜୟପୁର ରାସ୍ତା ୬ ଥାକିଆ ହେବ
- ୫୨ କୋଟିରେ ବ୍ରହ୍ମପୁର ସହରରେ ରାସ୍ତା ଫିଟିବ
- ମହାନଗର ନିଗମ ଅଞ୍ଚଳରେ ହେବ ଫୁଡ୍ ଷ୍ଟ୍ରିଟ୍

ଗଞ୍ଜାମ ଓ ବ୍ରହ୍ମପୁର ସହର ହେଉଛି ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର। ଓଡ଼ିଶାର ବିକାଶ ପାଇଁ ଗଞ୍ଜାମ ଜିଲ୍ଲାର ବିକାଶ ନିହାତି ଜରୁରି। ଏଣୁ ବ୍ରହ୍ମପୁର ସହର ଓ ନିକଟବର୍ତ୍ତୀ ଅଞ୍ଚଳରେ ଯୋଗାଯୋଗର ବିକାଶ ପାଇଁ ୧୦ଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୫୨ କୋଟି ୧୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସହରର ଇଜ୍ ଅଫ୍ ଲିଭିଙ୍ଗ୍ ଓ ଟ୍ରାଫିକ୍ ବ୍ୟବସ୍ଥାରେ ଉନ୍ନତି ପାଇଁ ଏହା ସହାୟକ ହେବ। ସେହିପରି ବ୍ରହ୍ମପୁର-ଜୟପୁରକୁ ସଂଯୋଗ ଲାଗି ଏକ ୬ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରାଯିବ। ଏଥିଲାଗି ୬୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିନିମନ୍ତେ ପ୍ରକ୍ରିୟା ଜାରି ରହିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଖାଲି ସେତିକି ନୁହେଁ, ବ୍ରହ୍ମପୁରର ଖାଦ୍ୟ ପ୍ରସିଦ୍ଧିକୁ ନେଇ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ଫୁଡ୍ ଷ୍ଟ୍ରିଟ୍ ନିର୍ମାଣ କରାଯିବ। ଏହି ସହରର ବିକାଶ ପାଇଁ ଆଗାମୀ ଦିନରେ ଆହୁରି ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ସମୃଦ୍ଧ ଓଡ଼ିଶା ଗଠନରେ ବ୍ରହ୍ମପୁର ସହର ଓ ଗଞ୍ଜାମ ଜିଲ୍ଲାର ଭୂମିକା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ପୁଣି ଶ୍ରୀମନ୍ଦିର ଗର୍ଭଗୃହ ଫଟୋ ଭାଇରାଲ୍

ପୁରୀ, ୧୭/୧୨ (ଇମିସ): ପୁଣି ଭାଇରାଲ୍ ହୋଇଛି ଶ୍ରୀମନ୍ଦିର ଗର୍ଭଗୃହ ଫଟୋ। ଗର୍ଭଗୃହରେ ଛିଡ଼ା ହୋଇ ଫଟୋ ଉଠାଇବା ପରେ ଜଣେ ଯୁବକ ଏହାକୁ ତାଙ୍କ ଇନ୍‌ଷ୍ଟାଗ୍ରାମ ଆଇଡିରେ ଅପ୍‌ଲୋଡ୍ କରିଛନ୍ତି। ରତ୍ନସିଂହାସନରେ ମହାପ୍ରଭୁଙ୍କ ଫଟୋ ସହିତ ଭିତର ବେଢ଼ାର ଫଟୋ ମଧ୍ୟ ଏହି ଆଇଡିରେ ରହିଛି। ଏତେ ସବୁ କଟକଣା, କାର୍ଯ୍ୟାନୁଷ୍ଠାନ ଚେତାବନୀ, ଏତଲା ଦିଆଯିବା ପରେ ମଧ୍ୟ ଶ୍ରୀମନ୍ଦିରକୁ ମୋବାଇଲ୍ ଫୋନ୍ ଯାଉଥିବା ଏହି ଫଟୋ ପ୍ରମାଣିତ କରିଛି। ଅନ୍ୟପଟେ ଏସ୍‌ପି ପ୍ରତୀକ ସିଂହ କହିଛନ୍ତି, ସିଂହଦ୍ୱାର ଥାନାରେ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଏହି ଫଟୋ କିଏ ଅପ୍‌ଲୋଡ୍ କରିଛି? କିଏ ଉଠାଇଛି? ଏ ସବୁ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

'କୃପା' ନାମକ ଏକ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ଏକାଧିକ ଫଟୋ ଅପ୍‌ଲୋଡ୍ ହୋଇଛି। ଆନନ୍ଦବଜାର, ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ପ୍ରଭୃତି ଜାଗାରେ ଫଟୋ ଉଠିଛି। କେତେକ ଜାଗାରେ ନିଜର ଫଟୋ ଉଠିଥିବା ବେଳେ କେତେକ ଜାଗାରେ କେବଳ ଶ୍ରୀମନ୍ଦିରର ଭିତରର ଏହି ସବୁ ଜାଗାର ଫଟୋ ଉଠିଛି। ରତ୍ନ ସିଂହାସନରେ ବସିଥିବା ମହାପ୍ରଭୁଙ୍କ ଫଟୋ ମଧ୍ୟ ଅପ୍‌ଲୋଡ୍ କରାଯାଇଛି। ଏହି ସବୁ ଫଟୋ ଦେଖିଲେ ସ୍ପଷ୍ଟ ହେଉଛି ଯେ ଉଦ୍ଦେଶ୍ୟମୂଳକ




ଭାବରେ ଓ ଖୋଲାଖୋଲି ଫଟୋ ଉଠାଯାଇଛି। ଶ୍ରୀମନ୍ଦିର ଭିତରେ ଶହଶହ କ୍ୟାମେରା ଲାଗିଛି। ଯିଏ ଯେଉଁଠି ଯାହା କରୁଛି ତାହା ଶ୍ରୀମନ୍ଦିର ପ୍ରଶାସନ ଦେଖିପାରୁଛି। ଓଏସ୍‌ଡି (ସୁରକ୍ଷା)ଙ୍କ କାର୍ଯ୍ୟାଳୟରେ ଏହି କ୍ୟାମେରାରୁ ଚିତ୍ର ୨୪ ଘଣ୍ଟା ଚାଲୁଛି। କିନ୍ତୁ ଫଟୋ ଉଠାଇବା ବେଳେ କେହି ଦେଖି ପାରିଲେ ନାହିଁ। ଶ୍ରୀମନ୍ଦିର ଭିତରେ ଜେଟିପି, ଜେଟିପିଏସ୍, ପୁଲିସ ଓ ସ୍ୱତନ୍ତ୍ର ସୁରକ୍ଷା ବାହିନୀ କାମ କରୁଛି। ୪ ଦ୍ୱାରରେ କଡ଼ା ପହରା ମଧ୍ୟ ଦେଇଛନ୍ତି। ହେଲେ ଭକ୍ତ କିଭଳି ମୋବାଇଲ୍ ଭିତରକୁ ନେଇ ଗଲେ? ଧାଡ଼ି ଭାଙ୍ଗି କିଏ ଚାଲିଯିବାକୁ ବସିଲେ ଏମାନଙ୍କ ଆଖିରୁ ବର୍ତ୍ତୁ ନଥିବା ବେଳେ ମୋବାଇଲ୍ ଖସିଗଲା କେମିତି? ଶ୍ରୀମନ୍ଦିର ସାରା ବୁଲିବୁଲି ଯୁବକଜଣଙ୍କ ଫଟୋ ଉଠାଉଥିଲେ ମଧ୍ୟ କେହି ଏ ସବୁ ଦେଖିବାକୁ ପାଇ ନାହାନ୍ତି ନା ଏମାନେ ଏହି ଫଟୋ ଉଠାରେ ସହଯୋଗ କରିଛନ୍ତି? ଅନ୍ୟପଟେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଭିନ୍ନ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଏଭଳି କାର୍ଯ୍ୟ ପାଇଁ ସରକାର କଠୋର ଦଣ୍ଡ ବିଧାନର ଯୋଜନା କରୁଛନ୍ତି ବୋଲି କହିଛନ୍ତି। ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯିବା ପରେ ମଧ୍ୟ କିଛି ଅମାନିଆ ଏଭଳି କରୁଛନ୍ତି। ଯେଉଁମାନେ ଏଭଳି କରୁଛନ୍ତି, ସେମାନେ ମହାପ୍ରଭୁଙ୍କୁ ଦର୍ଶନ ନୁହେଁ, ବରଂ ଡ୍ରାମା କରିବାକୁ ଆସୁଛନ୍ତି। ପୁରୁଣା ଆଇନରେ ଦଣ୍ଡ ବିଧାନର ପ୍ରାବଧାନ ଅଛି। କିନ୍ତୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେଥିରେ କିଛିଟା ପରିବର୍ତ୍ତନର ଆବଶ୍ୟକତା ଅଛି।

### କିସ୍‌ରେ ଛାତ୍ରଙ୍କୁ ତଣ୍ଟିଚିପି ହତ୍ୟା

# ୩ ଛାତ୍ରଙ୍କୁ ସୁଧାରଗୃହକୁ ପଠାଗଲା, ୮ କର୍ମଚାରୀ ଗିରଫ

ଭୁବନେଶ୍ୱର, ୧୭/୧୨(ଇମିସ): ବାଥ୍‌ରୁମ୍ ବାଲତି ପାଇଁ ସହପାଠୀମାନେ ମିଶି ନାବାଳକ ଛାତ୍ରଙ୍କ ତଣ୍ଟି ଚିପି ହତ୍ୟା କଲେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଥିଲା ରାଜଧାନୀ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ପ୍ରତିଷ୍ଠିତ ଘରୋଇ ଶିକ୍ଷାନୁଷ୍ଠାନ କିସ୍‌ରେ। ଶିବ ମୁଣ୍ଡାଙ୍କୁ ହତ୍ୟା ଘଟଣାରେ ଇନ୍‌ଫୋସିଟି ଥାନା ପୁଲିସ କିସ୍‌ର ୮ଜଣ କର୍ମଚାରୀଙ୍କୁ ଗିରଫ କରିବା ସହ ୩ ନାବାଳକ ଛାତ୍ରଙ୍କୁ ବାଳ ସୁଧାରଗୃହକୁ ପଠାଇଛି। ଗିରଫ କର୍ମଚାରୀମାନେ ହେଲେ ପ୍ରମୋଦ କୁମାର ପାତ୍ର(୫୦), ବିନୟ କୁମାର ଗୋଛି(୩୭), ପ୍ରସନ୍ନ କୁମାର ମଲ୍ଲ(୫୪), ପ୍ରଦୀପ କୁମାର ଦାସ(୫୪), ରଶ୍ମିରଂଜନ ନାୟକ(୪୫), ହେମନ୍ତ କୁମାର ମହାପାତ୍ର(୪୫), ଶୁଭକାନ୍ତ ବେହେରା(୩୨) ଓ ସୁଜାତା ମିଶ୍ର(୩୭)। ଆଜି ଏଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଓ ଏସିପି ଜୋନ୍-୬ ସୋନାଲି ସିଂ ପରମାର ଏହି ହତ୍ୟାକାଣ୍ଡର ଗୁମର ଖୋଲିଛନ୍ତି।

୧୨ ତାରିଖ ଦିନ ଶିବଙ୍କ ବାପା ରଘୁନାଥ ମୁଣ୍ଡାଙ୍କୁ କିସ୍ କର୍ତ୍ତୃପକ୍ଷ ଫୋନ୍ କରି କହିଥିଲେ ଯେ ପୁଅର ଦେହ ଅସୁସ୍ଥ ଅଛି। ତାଙ୍କୁ କିମ୍‌ସ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି। ପୁଅର ଅସୁସ୍ଥ ଖବର ପାଇ ପରିବାର ଲୋକେ କେନ୍ଦୁଝରରୁ ଆସି କିମ୍‌ସରେ ପହଞ୍ଚିଥିଲେ। ହେଲେ କିମ୍‌ସରେ ପହଞ୍ଚିବା ପରେ କୁହାଯାଇଥିଲା ଯେ ହୃଦ୍‌ଘାତ ଯୋଗୁ ପୁଅର ମୃତ୍ୟୁ ଘଟିଛି। ସେଦିନ ପରିବାର ଲୋକଙ୍କୁ ବୁଝାସୁଝା କରି ମୃତଦେହକୁ କେନ୍ଦୁଝର ପଠାଇ ଦିଆଯାଇଥିଲା। ହେଲେ ଶିବଙ୍କ ବେକରେ କ୍ଷତ ଚିହ୍ନ ଦେଖି ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ କେନ୍ଦୁଝର ଥାନାରେ ଅଭିଯୋଗ କରିଥିଲେ। କେନ୍ଦୁଝର ପୁଲିସ ଏକ ଜିରୋ ଏଫ୍ଆଇଆର୍ କରି ବ୍ୟବଚ୍ଛେଦ ପାଇଁ ମୃତଦେହକୁ ହସ୍ପିଟାଲ୍ ପଠାଇବା ସହ ଇନ୍‌ଫୋସିଟି ଥାନାକୁ ଜଣାଇଥିଲା। ଇନ୍‌ଫୋସିଟି ଥାନା ପୁଲିସ ହତ୍ୟା ମାମଲା ରୁଜୁକରି ଘଟଣାର ତନାଘନା ଜାରି ରଖିଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ଜଣାଗଲା ଯେ ଶିବଙ୍କୁ ଗଳା ଚିପି ହତ୍ୟା କରାଯାଇଛି। ଏହାପରେ ଆରମ୍ଭ ହୋଇଥିଲା ଅପରେସନ୍। ଏସିପି ଶ୍ରୀମତୀ ପରମାରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତନାଘନା କରାଯିବା ପରେ କିଛି ସହପାଠୀ ସେହି କାଳ ରାତିର କଳା କାହାଣୀ କହିଥିଲେ ଯେ ଜୋକର୍ ଗ୍ରୁପ୍ କରିଥିବା ହଷ୍ଟେଲ୍‌ର ୩ ଛାତ୍ର ୧୧ ତାରିଖ ରାତିରେ ଶିବଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ବାଥ୍‌ରୁମରେ ଥିବା ଏକ ବାଲ୍‌ତିକୁ ନେଇ ୩ଛାତ୍ର ଶିବଙ୍କୁ ଗାଳିମନ୍ଦ କରିଥିଲେ। ପରେ ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ଛାତ୍ରଙ୍କଠାରୁ ସତ ଉଗାଳିବା ପରେ ପୁଲିସ ପୁଣି କର୍ମଚାରୀଙ୍କୁ ଜେରା କରିଥିଲା।


**ଫର୍ମ ଜି ନିମନ୍ତେ ଶୁଦ୍ଧିପତ୍ର**

ଆଗ୍ରହ ପ୍ରକାଶ ପାଇଁ ନିମନ୍ତ୍ରଣ

**ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍**

(ଇନ୍‌ସଲଭେନ୍‌ସି ଆଣ୍ଡ ବ୍ୟାଙ୍କ୍‌ରପସି (କର୍ପୋରେଟ୍ ବ୍ୟକ୍ତିମାନଙ୍କ ପାଇଁ ଇନ୍‌ସଲଭେନ୍‌ସି ସମାଧାନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ର ନିୟମାବଳୀ ୩୬ଏ (୧) ଅନୁଯାୟୀ)

ଏହା ଇନ୍‌ସଲଭେନ୍‌ସି ଆଣ୍ଡ ବ୍ୟାଙ୍କ୍‌ରପସି କୋଡ଼, ୨୦୧୬ ଏବଂ ଇନ୍‌ସଲଭେନ୍‌ସି ଆଣ୍ଡ ବ୍ୟାଙ୍କ୍‌ରପସି (କର୍ପୋରେଟ୍ ବ୍ୟକ୍ତିମାନଙ୍କ ପାଇଁ ଇନ୍‌ସଲଭେନ୍‌ସି ସମାଧାନ ପ୍ରକ୍ରିୟା) ନିୟମାବଳୀ, ୨୦୧୬ ଅନୁଯାୟୀ ଜାରି ହୋଇଥିବା ଫର୍ମ ଜି ତାରିଖ ୨୫/୧୧/୨୦୨୫ ଏବଂ ଫର୍ମ ଜି ତାରିଖ ୧୧/୧୨/୨୦୨୫ର ଶୁଦ୍ଧିପତ୍ର ସମ୍ପର୍କରେ, ଆଗ୍ରହ ପ୍ରକାଶର ଶେଷ ତାରିଖ ୧୦ (ଦଶ) ଦିନ ପାଇଁ ବୃଦ୍ଧି କରାଯାଇଛି, ତେଣୁ ଫର୍ମ ଜି ଏବଂ ଆଇଇଓଆଇ ଜାରି କରିବା ପରବର୍ତ୍ତୀ କାର୍ଯ୍ୟକ୍ରମଗୁଡ଼ିକର ସଂଶୋଧିତ ତାରିଖ ନିମ୍ନଲିଖିତ ପ୍ରକାରେ ଅଟେ:

| କ୍ର. | ପ୍ରାସଙ୍ଗିକ ସୂଚନା | ସମୟସୀମା |
|---|---|---|
| ୧୦. | ଆଗ୍ରହ ପ୍ରକାଶ ପ୍ରାପ୍ତିର ଶେଷ ତାରିଖ | ୨୭ ଡିସେମ୍ବର, ୨୦୨୫ (୧୭ ଡିସେମ୍ବର, ୨୦୨୫ ଠାରୁ ବର୍ଦ୍ଧିତ) |
| ୧୧. | ସମ୍ଭାବ୍ୟ ସମାଧାନ ଆବେଦନକାରୀଙ୍କ ଅସ୍ଥାୟୀ ତାଲିକା ଜାରି ହେବାର ତାରିଖ | ୦୬ ଜାନୁଆରୀ, ୨୦୨୬ (୨୭ ଡିସେମ୍ବର, ୨୦୨୫ ଠାରୁ ବର୍ଦ୍ଧିତ) |
| ୧୨. | ଅସ୍ଥାୟୀ ତାଲିକା ଆବେଦନକାରୀଙ୍କ ଆପତ୍ତି ଦାଖଲ କରିବାର ଶେଷ ତାରିଖ | ୧୨ ଜାନୁଆରୀ, ୨୦୨୬ (୦୨ ଜାନୁଆରୀ, ୨୦୨୬ ଠାରୁ ବର୍ଦ୍ଧିତ) |
| ୧୩. | ସମ୍ଭାବ୍ୟ ସମାଧାନ ଆବେଦନକାରୀଙ୍କ ଚୂଡ଼ାନ୍ତ ତାଲିକା ଜାରି ହେବାର ତାରିଖ | ୧୭ ଜାନୁଆରୀ, ୨୦୨୬ (୦୭ ଜାନୁଆରୀ, ୨୦୨୬ ଠାରୁ ବର୍ଦ୍ଧିତ) |
| ୧୪. | ସମ୍ଭାବ୍ୟ ସମାଧାନ ଆବେଦନକାରୀଙ୍କୁ ସୂଚନା ସ୍ମାରକପତ୍ର, ମୂଲ୍ୟାଙ୍କନ ମାଟ୍ରିକ୍ସ ଏବଂ ସମାଧାନ ଯୋଜନା ନିମନ୍ତେ ଅନୁରୋଧ ଜାରି ହେବାର ତାରିଖ | ୨୦ ଜାନୁଆରୀ, ୨୦୨୬ (୧୦ ଜାନୁଆରୀ, ୨୦୨୬ ଠାରୁ ବର୍ଦ୍ଧିତ) |
| ୧୫. | ସମାଧାନ ଯୋଜନା ଦାଖଲ କରିବାର ଶେଷ ତାରିଖ | ୨୦ ଫେବୃଆରୀ, ୨୦୨୬ (୧୦ ଫେବୃଆରୀ, ୨୦୨୬ ଠାରୁ ବର୍ଦ୍ଧିତ) |
| ୧୬. | ଇଓଆଇ ଦାଖଲ କରିବା ନିମନ୍ତେ ପ୍ରୋସେସ୍ ଇମେଲ୍ ଆଇଡ଼ି | ip.guptapower@gmail.com |

ଟିପ୍ପଣୀ: ତା୨୫/୧୧/୨୦୨୫ ରିଖର ଫର୍ମ ଜି ର ଅନ୍ୟାନ୍ୟ ବିଷୟବସ୍ତୁ ଏବଂ ସର୍ତ୍ତାବଳୀ ସମାନ ରହିବ।

ସ୍ୱା/- ପ୍ରଦୀପ କୁମାର କାବ୍ରା,
ଏମ୍/ଏସ୍. ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍ ନିମନ୍ତେ ଆରପି
ଆଇବିବିଆଇ ପଞ୍ଜୀକରଣ ସଂ.: IBBI/IPA-001/ IP-P01104 /2027-18/11790
ଇମେଲ୍: ip.guptapower@gmail.com

ତାରିଖ: ୧୮ ଡିସେମ୍ବର, ୨୦୨୫




# ଗଛକୁ ପିଟିଲା କାର୍, ୩ ମୃତ

କୋମନା, ୧୭/୧୨ (ଇମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ହରିପୁର ଗାଁ ନିକଟରେ ବୁଧବାର ରାସ୍ତାକଡ଼ରେ ଥିବା ଗଛରେ ଏକ କାର୍ ପିଟି ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କୋମନାର ଆବ୍ରାହମ ଅଲ୍ଲୀ, ମୁମ୍ବାଇର ମେହେଫୁଜ ଖାନ ଓ ଅଦନାମ ଅଲ୍ଲୀ। ଆହତ ଇସରାଦ ମହମ୍ମଦ, ପ୍ରଭାତ ମହାନ୍ତି ଓ ଯୋଗେଶ ସାହୁଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ବୟସ ୨୨ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।ସୂଚନା ଅନୁସାରେ, ମୁମ୍ବାଇର ମେହେଫୁଜ ଓ ଅଦନାମ କିଛିଦିନ ହେବ ସଂପର୍କୀୟ ଆବ୍ରାହମଙ୍କ ଘରକୁ ଆସିଥିଲେ। ସମସ୍ତ ୬ ଜଣ ଯାକ ଯୁବକ କାର୍ (ଓଡି୨୬ଜି-୮୪୮୯) ଯୋଗେ ଖରିଆର୍ ଅଞ୍ଚଳକୁ ବୁଲିବାକୁ ଯାଇ ବୁଧବାର ରାତି ପ୍ରାୟ ୯ଟାରେ କୋମନାକୁ ଫେରୁଥିଲେ। ହରିପୁର ଗାଁ ନିକଟରେ କାର୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ କୋମନା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ସମସ୍ତଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଆବ୍ରାହମ, ମେହେଫୁଜ ଓ ଅଦନାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଓଡ଼ିଶା ନୁହେଁ, ୮ରାଜ୍ୟ ମଧ୍ୟ ଦିଲ୍ଲୀରେ ଘର ପାଇଛନ୍ତି: ବିଜେପି

ଭୁବନେଶ୍ୱର,୧୭/୧୨(ଇମିସ): ରାଜ୍ୟବାସୀଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ବିଜେଡି ମାନସିକ ଅବସାଦର ଚରମ ସୀମାରେ ପହଞ୍ଚିଛି। ଅପ୍ରସଙ୍ଗକୁ ପ୍ରସଙ୍ଗ କରିବାକୁ ଯାଇ ଗଣମାଧ୍ୟମରେ ବିଜେଡି ବାଉଳି ଚାଉଳି ହେଉଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ କରାଯାଇଛି।

ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, ବିଜେଡି ସରକାରରେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀ ପର୍ଯ୍ୟନ୍ତ କେଉଁ ସ୍ଥାନକୁ ନ ଯାଇ ଘରେ ବସି ନିଷ୍ପତ୍ତି ନେଉଥିଲେ। ଦିଲ୍ଲୀ ଗଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପୈତୃକ ଘରେ ରହୁଥିଲେ। ତାଙ୍କୁ ଘରର ଆବଶ୍ୟକତା ପଡୁନଥିଲା। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଲୋକଙ୍କ ବିକାଶ ପାଇଁ କାମ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରଖି ଓଡ଼ିଶା ସରକାର କାମ କରୁଛନ୍ତି। ଆବଶ୍ୟକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚାଲିବା ପାଇଁ ଦିଲ୍ଲୀରେ ରାଜ୍ୟ ସରକାର ଘର ପାଇଛନ୍ତି। କେବଳ ଓଡ଼ିଶା ନୁହେଁ, ମଧ୍ୟପ୍ରଦେଶ, ଆନ୍ଧ୍ର, ତେଲେଙ୍ଗାନା, ଆସାମ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ରାଜସ୍ଥାନ ଭଳି ରାଜ୍ୟର ଦେଶର ରାଜଧାନୀ ଦିଲ୍ଲୀରେ କାର୍ଯ୍ୟାଳୟ ପାଇଁ ଘର ପାଇଛନ୍ତି।

**ଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପ୍ରସଙ୍ଗ**

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱରସ୍ଥିତ ନିଜସ୍ୱ ଘର 'ନବୀନ ନିବାସ' ସାମନାରେ ଥିବା ସର୍ବସାଧାରଣ ରାସ୍ତାକୁ ମିଶାଇ ବ୍ୟାରିକେଡ୍ କରି ରାସ୍ତା ବନ୍ଦ କରିଥିଲେ। ଏୟାରପୋର୍ଟ ପାଚେରି ଭାଙ୍ଗିଥିଲେ। ଏପରିକି ଗୁମାସ୍ତାଙ୍କ ପାଇଁ ତାଙ୍କ ସରକାର ବେଳେ କେତେ ପୁଲିସ ସୁରକ୍ଷା ଯୋଗାଇ ଦେଇଥିଲା ତାହା ବୋଧେ ବିଜେଡି ଭୁଲିଯାଇଛି। ଗତ ୧୭ ମାସ ଭିତରେ ବିଧାନସଭା ଅଧିବେଶନରେ ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକ ଉପସ୍ଥିତ ରହି ରାଜ୍ୟର ସ୍ୱାର୍ଥ ସମ୍ବନ୍ଧିତ କେତେ ପ୍ରସଙ୍ଗ ଉଠାଇଛନ୍ତି ? ବିଜେଡି ଏକ ଅସ୍ତଗାମୀ ରାଜନୈତିକ ଦଳ। ମାନସିକ ଭାରସାମ୍ୟ ହରାଇ ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛି ବିଜେଡି। ଗତ କିଛିମାସ ହେବ ପଞ୍ଚାୟତସ୍ତରୀୟ ନେତାଙ୍କଠାରୁ ଆରମ୍ଭ କରି ସାଂସଦ ପର୍ଯ୍ୟନ୍ତ ବିଜେଡି ଛାଡ଼ି ବିଜେପିମୁହାଁ ହେଉଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ମୋଟରଚାଳିତ ଡଙ୍ଗା ଉପରେ କଟକଣା

**ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ**

ଭୁବନେଶ୍ୱର, ୧୭/୧୨(ଇମିସ): ୨୦୨୫-୨୬ ଗଣ ଅଣ୍ଡାଦାନ ଋତୁକୁ ଦୃଷ୍ଟିରେ ରଖି ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବୈଠକ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୃହ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ନଭେମ୍ବର ୧ରୁ ୨୦୨୬ ମେ' ୩୧ ପର୍ଯ୍ୟନ୍ତ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ଋତୁଭିତ୍ତିକ ପରିଚାଳନା ଚାଲିଛି। ତେଣୁ ଏହି ସମୟରେ ଧାମରା ବନ୍ଦର, ଦେବୀ ନଦୀ ଓ ଋଷିକୁଲ୍ୟା ନଦୀ ମୁହାଣ ଆଖପାଖ ୨୦ କିମି ପରିସର ମଧ୍ୟରେ ମୋଟରଚାଳିତ ମାଛଧରା ଡଙ୍ଗା ବ୍ୟବହାର ସମ୍ପର୍କରେ ଏକକାଳୀନ ନିଷେଧ ଲାଗୁ ହୋଇଛି। ଗହୀରମଥା ଅଭୟାରଣ୍ୟ ଅଞ୍ଚଳରେ ଏହି କଟକଣା ବର୍ଷ ସାରା ରହିଛି। ବିରଳ କଇଁଛଙ୍କ ପ୍ରତି ଯେପରି ବିପଦ ସୃଷ୍ଟି ନହୁଏ ସେଥିପାଇଁ ଆଇନ ଅନୁପାଳନ ପୂର୍ବକ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବ୍ୟବସ୍ଥା ରହିଛି। ସମୁଦ୍ର ଅଣ୍ଡାଦାନ ଋତୁରେ ମତ୍ସ୍ୟଜୀବୀମାନେ ଆର୍ଥିକ ଭାବେ ପ୍ରଭାବିତ ହେଉଥିବାରୁ ସେମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଠିକ୍ ସମୟରେ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**

**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ₹40,87,367/- ଟଙ୍କା ଆନୁମାନିକ ମୂଲ୍ୟ ରେ ଏହାର **"ବିଦ୍ୟୁତ୍ ମାର୍ଗ, ଭୁବନେଶ୍ୱର ସ୍ଥିତ ଷ୍ଟାଫ୍ କ୍ୱାର୍ଟର୍ସରେ ପାଇପଲାଇନ ବଦଳାଇବା ସହିତ ଫ୍ଲାଟକୁ ସଂଯୋଗ କରୁଥିବା ପାଣି ଲାଇନ ବଦଳାଇବା ପାଇଁ ସିଭିଲ କାର୍ଯ୍ୟ"** ପାଇଁ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି 60 ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡ଼ିସେମ୍ବର 31, 2025 ଅପରାହ୍ନ 02:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


# ବିଷାକ୍ତ ମଦ ପିଇ ମହିଳାଙ୍କ ମୃତ୍ୟୁ ସନ୍ଦେହ

ବୀରମିତ୍ରପୁର, ୧୭/୧୨ (ଇମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ଅନ୍ଧାରି ପଞ୍ଚାୟତର ଘଘାରିବସ୍ତିରେ ଜଣେ ମହିଳାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ଦୀପା ସାହୁ (୩୫)। ପ୍ରାଥମିକ ତଦନ୍ତରୁ ଅପମିଶ୍ରିତ ମଦ ପିଇବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ଘଘାରିବସ୍ତିରେ ରହୁଥିବା ଦୀପା ନିୟମିତ ମଦ ପିଉଥିଲେ। ସୋମବାର ଅନ୍ଧାରିବସ୍ତିକୁ ଯାଇ ସେଠାରେ ଦେଶୀ ମହୁଲି ମଦ ପିଇ ଘରକୁ ଫେରିଥିଲେ। ବୁଧବାର ତାଙ୍କର ମୃତଦେହ ଘର ଭିତରେ ଥିବା ଦେଖି ଗ୍ରାମବାସୀ ବୀରମିତ୍ରପୁର ଥାନାକୁ ଖବର ଦେଇଥିଲେ। ଏସ୍ଆଇ ସାଜନ କୁମାର, ବିଜୟ ଦେହୁରୀ ପୁଲିସ ଦଳସହ ଘଟଣାସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।





